**ବିଦ୍ୟା ଭାରତୀ**

# ଶିକ୍ଷା ବିକାଶ ସମିତି, ଓଡ଼ିଶା

ପଞ୍ଜୀକରଣ କ୍ରମାଙ୍କ : ବି.ବି.ଏସ୍.ଆର. ୪୭୮୩୮/୧୯୮୪-୮୫ ଏବଂ ୨୨୪୮୬/୭୬/୨୦୦୭-୦୮ ରେଜିଷ୍ଟ୍ରାର ଅଫ ସୋସାଇଟିଜ୍, ଓଡ଼ିଶା, କଟକ ।
ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ, ଲକ୍ଷ୍ନୌ ସହ ଅନୁବନ୍ଧିତ

ସରସ୍ୱତୀ କୁଞ୍ଜ, ଇ - ୫୯, ସେକ୍ଟର - ଏ, ଜୋନ୍ - ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦
ଦୂରଭାଷ - ୯୪୩୭୩୯୪୪୭୭ E-mail : svsodisha1977@gmail.com, Website : www.emssvsodisha.com


*ପତ୍ରାଙ୍କ - ୮୨୪/୨୦* *ଦିନାଙ୍କ - ୨୬.୧୨.୨୦୨୦*

ପ୍ରାପ୍ତେଷୁ,

ସମସ୍ତ ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ଓଡ଼ିଶା ।

**ବିଷୟ :- ଛାତ୍ର ସଂସ୍କୃତିଜ୍ଞାନ ପରୀକ୍ଷା ସମ୍ବନ୍ଧେ ।**

ମହାଶୟ,

ସାଦର ନମସ୍କାର । ଆଶା ମା ଭାରତୀଙ୍କ କୃପାରୁ ଭଲରେ ଥାଇ ରାଷ୍ଟ୍ରକାର୍ଯ୍ୟରେ ବ୍ୟସ୍ତ ଥିବେ । ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନଙ୍କ ଯୋଜନାନୁସାରେ ଚଳିତ ଶିକ୍ଷାବର୍ଷର ଛାତ୍ର ସଂସ୍କୃତିଜ୍ଞାନ ପରୀକ୍ଷା ନିମ୍ନ ଯୋଜନାନୁସାରେ ହେବ ।

୧) ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରର ସମସ୍ତ ଛାତ୍ରଛାତ୍ରୀ ତଥା ଅନ୍ୟ ବିଦ୍ୟାଳୟର ଆଗ୍ରହୀ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଭାଗ ନେଇପାରିବେ ।

୨) ଛାତ୍ର ସଂସ୍କୃତିଜ୍ଞାନ ପରୀକ୍ଷା ଚତୁର୍ଥରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ହେବ ।

୩) ପାଠ୍ୟକ୍ରମ - ଚଳିତ ବର୍ଷ ପ୍ରତ୍ୟେକ ପୁସ୍ତକର ଅଷ୍ଟମ ପାଠ (ସାଧାରଣଜ୍ଞାନ) ବିଷୟରୁ ପ୍ରଶ୍ନ ଆସିବ ନାହିଁ । ନିଜ ନିଜ ଶ୍ରେଣୀର ବୋଧମାଳା ପୁସ୍ତକରୁ ପ୍ରଶ୍ନ ଆସିବ ।

୪) ପଞ୍ଜୀକରଣ ଓ ଶୁଳ୍କ - ଯେକୌଣସି ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଟ.୮/- (ଆଠ ଟଙ୍କା) ଶୁଳ୍କ ଦେଇ ୨୫ ଡିସେମ୍ବର ୨୦୨୦ରୁ ୨୦ ଜାନୁଆରୀ ୨୦୨୧ ମଧ୍ୟରେ ପରୀକ୍ଷା ପାଇଁ ନିଜର ନାମ ପଞ୍ଜୀକରଣ କରିପାରିବେ । ବିଦ୍ୟାଳୟ ଜଣ ପ୍ରତି ଟ. ୬/- (ଛଅ ଟଙ୍କା) ହିସାବରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ନିକଟକୁ ୨୫ ଜାନୁଆରୀ ୨୦୨୧ ସୁଦ୍ଧା ପଠାଇବେ ।

୫) ପ୍ରଶ୍ନ ପତ୍ର - ପରୀକ୍ଷାର ଦୁଇଘଣ୍ଟା ପୂର୍ବରୁ ପ୍ରଶ୍ନ online ମାଧ୍ୟମରେ ପଠାଯିବ । ପ୍ରତ୍ୟେକ ବିଦ୍ୟାଳୟ ନିଜ ପରୀକ୍ଷାର୍ଥୀଙ୍କ ସଂଖ୍ୟା ଅନୁସାରେ ପ୍ରଶ୍ନପତ୍ର download ଓ xerox କରି ପରୀକ୍ଷା କରାଇବେ ।

୬) ପ୍ରମାଣ ପତ୍ର - ପରୀକ୍ଷା ଖାତା ମୂଲ୍ୟାଙ୍କନ ବିଦ୍ୟାଳୟରେ କରି ପଚାଶ ପ୍ରତିଶତ ବା ତଦୂର୍ଦ୍ଧ୍ୱ ଅଙ୍କ ରଖିଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ନିକଟକୁ ପଠାଇବେ । ଶୁଳ୍କ ପ୍ରଦାନ କରିଥିବା ଛାତ୍ରଛାତ୍ରୀଙ୍କୁ ସଂସ୍କୃତି ଶିକ୍ଷା ସଂସ୍ଥାନ, କୁରୁକ୍ଷେତ୍ରଙ୍କ ଦ୍ୱାରା ପ୍ରମାଣପତ୍ର ଦିଆଯିବ ।

୭) ପରୀକ୍ଷା ଦିନାଙ୍କ - ୦୮ ଫେବୃଆରୀ ୨୦୨୧ । ସମୟ - ପୂର୍ବାହ୍ନ ଘ. ୧୦.୩୦ମି. ରୁ ଘ.୧୧.୩୦ମି. ।

୮) ପରୀକ୍ଷା ଓଡ଼ିଆ ଭାଷାରେ ହେବ । ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖିବା ସମ୍ବଳିତ ୫୦ଟି ପ୍ରଶ୍ନ ରହିବ ।

**ବି.ଦ୍ର. :- ଯେଉଁମାନେ onlineରେ ପରୀକ୍ଷା ଦେବାକୁ ଚାହିଁବେ କିମ୍ବା ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେବେ ସେମାନେ ସଂସ୍କୃତି ଶିକ୍ଷା ସଂସ୍ଥାନ, କୁରୁକ୍ଷେତ୍ରଙ୍କ website - www.samskritisansthan.com ମାଧ୍ୟମରେ ନିଜ ନାମ ପଞ୍ଜୀକରଣ କରିପାରିବେ ।**

ଭବଦୀୟ
ଲକ୍ଷ୍ମୀକାନ୍ତ ମହାନ୍ତି
ସମ୍ପାଦକ
ଶିକ୍ଷା ବିକାଶ ସମିତି,ଓଡ଼ିଶା

ଜ୍ଞାପକ ସଂଖ୍ୟା :- ୮୨୫/୨୦ ତାରିଖ :- ୨୬.୧୨.୨୦୨୦

ଏହାର ଏକକିତା ନକଲ ସମସ୍ତ ସମ୍ଭାଗ ସମ୍ପାଦକ, ସଂଯୋଜକ, ବିଭାଗ ପ୍ରମୁଖ, ବିଭାଗ ନିରୀକ୍ଷକ, ସଂକୁଳ ପ୍ରମୁଖ ଓ ପ୍ରାଦେଶିକ ଅଧିକାରୀଙ୍କ ଅବଗତି ଓ କ୍ରିୟାନ୍ୱୟନ ନିମନ୍ତେ ପ୍ରେରଣ କରାଗଲା ।

ଲକ୍ଷ୍ମୀକାନ୍ତ ମହାନ୍ତି
ସମ୍ପାଦକ

**ବିଦ୍ୟା ଭାରତୀ**

# ଶିକ୍ଷା ବିକାଶ ସମିତି, ଓଡ଼ିଶା

ପଞ୍ଜୀକରଣ କ୍ରମାଙ୍କ : ବି.ବି.ଏସ୍.ଆର. ୪୭୮୩୮/୧୯୮୪-୮୫ ଏବଂ ୨୨୪୮୬/୭୬/୨୦୦୭-୦୮ ରେଜିଷ୍ଟ୍ରାର ଅଫ ସୋସାଇଟିଜ୍, ଓଡ଼ିଶା, କଟକ ।
ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ, ଲକ୍ଷ୍ନୌ ସହ ଅନୁବନ୍ଧିତ

ସରସ୍ୱତୀ କୁଞ୍ଜ, ଇ - ୫୯, ସେକ୍ଟର - ଏ, ଜୋନ୍ - ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦
ଦୂରଭାଷ - ୯୪୩୭୩୯୪୪୭୭ E-mail : svsodisha1977@gmail.com, Website : www.emssvsodisha.com


*ପତ୍ରାଙ୍କ - ୮୨୬/୨୦* *ଦିନାଙ୍କ - ୨୬.୧୨.୨୦୨୦*

ପ୍ରାପ୍ତେଷୁ,

ସମସ୍ତ ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ଓଡ଼ିଶା।

**ବିଷୟ :- ଆଚାର୍ଯ୍ୟ ସଂସ୍କୃତିଜ୍ଞାନ ପରୀକ୍ଷା ସମ୍ବନ୍ଧେ ।**

ମହାଶୟ,

ସାଦର ନମସ୍କାର । ଆଶା ମା ଭାରତୀଙ୍କ କୃପାରୁ ଭଲରେ ଥାଇ ରାଷ୍ଟ୍ରକାର୍ଯ୍ୟରେ ବ୍ୟସ୍ତ ଥିବେ। ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନଙ୍କ ଯୋଜନାନୁସାରେ ଚଳିତ ଶିକ୍ଷାବର୍ଷର ଆଚାର୍ଯ୍ୟ ସଂସ୍କୃତିଜ୍ଞାନ ପରୀକ୍ଷା ନିମ୍ନ ଯୋଜନାନୁସାରେ ହେବ।

୧) ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା, ଆଗ୍ରହୀ ଅଭିଭାବକ, ଅଭିଭାବିକା, ପୂର୍ବଛାତ୍ର, ସଂସ୍କୃତି ପ୍ରେମୀ ବନ୍ଧୁ ଭଗିନୀ ଏହି ପରୀକ୍ଷାରେ ଭାଗ ନେଇପାରିବେ।

୨) ଆଚାର୍ଯ୍ୟ ସଂସ୍କୃତିଜ୍ଞାନ ପରୀକ୍ଷା ତିନୋଟି ଶ୍ରେଣୀରେ ହେବ।

   କ) ପ୍ରବେଶିକା - ଚତୁର୍ଥ, ପଞ୍ଚମ, ଷଷ୍ଠ ଶ୍ରେଣୀ ବୋଧମାଳା ପୁସ୍ତକରୁ ପ୍ରଶ୍ନ ଆସିବ।

   ଖ) ମଧ୍ୟମା - ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ବୋଧମାଳା ପୁସ୍ତକରୁ ପ୍ରଶ୍ନ ଆସିବ।

   ଗ) ଉତ୍ତମା - ଦଶମ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ବୋଧମାଳା ପୁସ୍ତକରୁ ପ୍ରଶ୍ନ ଆସିବ।

୩) ପାଠ୍ୟକ୍ରମ - ଚଳିତ ବର୍ଷ ପ୍ରତ୍ୟେକ ପୁସ୍ତକର ଅଷ୍ଟମ ପାଠ (ସାଧାରଣଜ୍ଞାନ) ବିଷୟରୁ ପ୍ରଶ୍ନ ଆସିବ ନାହିଁ।

୪) ପଞ୍ଜୀକରଣ ଓ ଶୁଳ୍କ - ଯେକୌଣସି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଟ.୧୫/- (ପନ୍ଦର ଟଙ୍କା) ଶୁଳ୍କ ଦେଇ ୨୫ ଡିସେମ୍ବର ୨୦୨୦ରୁ ୨୦ ଜାନୁଆରୀ ୨୦୨୧ ମଧ୍ୟରେ ପରୀକ୍ଷା ପାଇଁ ନିଜର ନାମ ପଞ୍ଜୀକରଣ କରିପାରିବେ। ବିଦ୍ୟାଳୟ ଜଣ ପ୍ରତି ଟ. ୧୨/- (ବାର ଟଙ୍କା) ହିସାବରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ନିକଟକୁ ୨୫ ଜାନୁଆରୀ ୨୦୨୧ ସୁଦ୍ଧା ପଠାଇବେ।

୫) ପ୍ରଶ୍ନ ପତ୍ର - ପରୀକ୍ଷାର ଦୁଇଘଣ୍ଟା ପୂର୍ବରୁ ପ୍ରଶ୍ନ online ମାଧ୍ୟମରେ ପଠାଯିବ। ପ୍ରତ୍ୟେକ ବିଦ୍ୟାଳୟ ନିଜ ପରୀକ୍ଷାର୍ଥୀଙ୍କ ସଂଖ୍ୟା ଅନୁସାରେ ପ୍ରଶ୍ନପତ୍ର download ଓ xerox କରି ପରୀକ୍ଷା କରାଇବେ।

୬) ପ୍ରମାଣ ପତ୍ର - ପରୀକ୍ଷା ପରେ ଉତ୍ତର ପତ୍ରଗୁଡ଼ିକୁ ୨୫ ଫେବୃଆରୀ ୨୦୨୧ ମଧ୍ୟରେ ନିଜ ନିଜ ସମ୍ଭାଗ କାର୍ଯ୍ୟାଳୟକୁ ପଠାଇବେ। ପଚାଶ ପ୍ରତିଶତ ବା ତଦୂର୍ଦ୍ଧ୍ୱ ଅଙ୍କ ରଖିଥିବା ପରୀକ୍ଷାର୍ଥୀଙ୍କୁ ସଂସ୍କୃତି ଶିକ୍ଷା ସଂସ୍ଥାନ, କୁରୁକ୍ଷେତ୍ରଙ୍କ ଦ୍ୱାରା ପ୍ରମାଣପତ୍ର ଦିଆଯିବ।

୭) ପରୀକ୍ଷା ଦିନାଙ୍କ - ୦୭ ଫେବୃଆରୀ ୨୦୨୧। ସମୟ - ପୂର୍ବାହ୍ନ ଘ. ୧୦.୩୦ମି. ରୁ ଘ.୧୧.୩୦ମି.।

୮) ପରୀକ୍ଷା ଓଡ଼ିଆ ଭାଷାରେ ହେବ। ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖିବା ସମ୍ବଳିତ ୫୦ଟି ପ୍ରଶ୍ନ ରହିବ।

**ବି.ଦ୍ର. :- ଯେଉଁମାନେ onlineରେ ପରୀକ୍ଷା ଦେବାକୁ ଚାହିଁବେ ବା ପ୍ରଜ୍ଞା ପରୀକ୍ଷା ଦେବେ ସେମାନେ ସଂସ୍କୃତି ଶିକ୍ଷା ସଂସ୍ଥାନ, କୁରୁକ୍ଷେତ୍ରଙ୍କ website - www.samskritisansthan.com ମାଧ୍ୟମରେ ନିଜ ନାମ ପଞ୍ଜୀକରଣ କରିପାରିବେ।**

ଭବଦୀୟ

ସମ୍ପାଦକ
ଶିକ୍ଷା ବିକାଶ ସମିତି,ଓଡ଼ିଶା

ଜ୍ଞାପକ ସଂଖ୍ୟା :- ୮୨୭/୨୦ ତାରିଖ :- ୨୬.୧୨.୨୦୨୦

ଏହାର ଏକକିତା ନକଲ ସମସ୍ତ ସମ୍ଭାଗ ସମ୍ପାଦକ, ସଂଯୋଜକ, ବିଭାଗ ପ୍ରମୁଖ, ବିଭାଗ ନିରୀକ୍ଷକ, ସଂକୁଳ ପ୍ରମୁଖ ଓ ପ୍ରାଦେଶିକ ଅଧିକାରୀଙ୍କ ଅବଗତି ଓ କ୍ରିୟାନ୍ୱୟନ ନିମନ୍ତେ ପ୍ରେରଣ କରାଗଲା।

ସମ୍ପାଦକ